# ଆତ୍ମ ନିର୍ଭରଶୀଳତାର ଭିନ୍ନ ଏକ ଦିଗ "ଛତୁଚାଷ"

ପୃଥିବୀରେ ଯେତେପ୍ରକାର ଛତୁ ଉପଲବ୍ଧ ହୁଏ । ତନ୍ମଧ୍ୟରୁ ମାତ୍ର ଦୁଇ ହଜାର ପ୍ରକାର ଛତୁ ମନୁଷ୍ୟ ସମାଜର ଖାଇବା ଉପଯୋଗୀ ଅଟେ । କିନ୍ତୁ ଆତ୍ମ ନିର୍ଭରଶୀଳତା ଏବଂ ବ୍ୟବସାୟିକ ଦୃଷ୍ଟି କୋଣରୁ ୫ରୁ ୬ଟି ପ୍ରକାର ଛତୁ ଚାଷ କରାଯାଏ । ଯଥା- ବଟନ ଛତୁ, ପାଳ ଛତୁ, ଧିଙ୍ଗିରି ଛତୁ, ଦୁଗ୍ଧ ଛତୁ । ଲାଭଜନକ ଦୃଷ୍ଟିରୁ ଦେଖିଲେ ଆମ ରାଜ୍ୟ ଚାଷୀଭାଇମାନେ ପାଳ ଛତୁ, ଧିଙ୍ଗିରି ଛତୁ ଚାଷ କରୁଛନ୍ତି । ଆମ ରାଜ୍ୟର ଜଳବାୟୁ ଶ୍ରମ କୌଶଳ ଯୋଗୁଁ ଏହାକୁ ବ୍ୟାପକ ରୂପେ କରାଯାଇପାରୁଛି । ଏହି ଚାଷ କରିବାକୁ ହେଲେ ସାଧାରଣତଃ କେତେଗୁଡ଼ିକ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ।

**(୧) ବିଶୋଧନ:** ୧୦ଟି ଭାଡ଼ି ପାଇଁ କୁଣ୍ଡରେ ବତୁରା ଯାଇଥିବା ନଡ଼ାକୁ ୧୦୦ମି ଫରମାଲିନ୍ ଓ ୧୦ ଗ୍ରାମ ବାଭିଷ୍ଟିନ୍ କୁଣ୍ଡରେ ପକାନ୍ତୁ । ନଳକୂପର ପାଣି ବ୍ୟବହାର କରାଯାଇପାରିବ । ନଡ଼ା ବତରୁଥିବା କୁଣ୍ଡକୁ ଅନ୍ତତଃ ପକ୍ଷେ ସପ୍ତାହରେ ଗୋଟିଏ ଦିନ ବ୍ଲିଚିଂ ପାଉଡ଼ର ଦ୍ୱାରା ସଫା କରନ୍ତୁ ।

**(୨) ପାଳଛତୁ:** ପାଳ ଛତୁ ବିଶେଷ କରି ମାର୍ଚ୍ଚ ମାସ ଠାରୁ ଆରମ୍ଭ କରି ଅକ୍ଟୋବର ମାସ ମଧ୍ୟରେ ଚାଷ କରାଯାଇପାରିବ । ଗ୍ରୀଷ୍ମ ମଣ୍ଡଳୀୟ ଛତୁ କିସମ ହୋଇଥିବା ହେତୁ ଏହା ଅପେକ୍ଷାକୃତ ଅଧିକ ତାପମାତ୍ର ୨୫ ରୁ ୨୮ ଡ଼ିଗ୍ରୀ ସେଲସିୟସ୍, ଆଦ୍ରତା ୧୫ ରୁ ୪୦ ପ୍ରତିଶତ ଆବଶ୍ୟକ କରିଥାଏ । ଓଡ଼ିଶାରେ ଦୁଇ ପ୍ରକାରର ପାଳ ଛତୁ ଯଥା:- ଭଲବରିଲେ ଭଲବାସି, ଭଲବରିଲେ ଡ଼ିପ୍ଲାସି । ଏହି ଛତୁ ଚାଷ କରିବା ପ୍ରଣାଳୀ ଅତି ସହଜ ଓ ୧୫ ଦିନ ମଧ୍ୟରେ ଅମଳ କରାଯାଇପାରିବ ।

**(୩) ବେଡ଼ି ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ବେଡ୍ ପାଇଁ ଗୋଟିଏ ଦିନ ଆଗରୁ ବତୁରା ଯାଇଥିବା ନଡ଼ାକୁ ଚାରିଭାଗ କରିବା ଆବଶ୍ୟକ (୪ + ୪ + ୪ + ୨ = ୧୪) ।

- ୨୦ ରୁ ୩୦ ଦିନର ଛତୁ ମଞ୍ଜିକୁ ବୋତଲରୁ କାଢ଼ି ୪ ଭାଗ କରନ୍ତୁ ।
- ଡ଼ାଲି ଗୁଣ୍ଡ, ଅଟା ଗୁଣ୍ଡ ଏବଂ କୁଣ୍ଡାର ମିଶ୍ରିତ ଭାଗକୁ ୪ ଭାଗ କରନ୍ତୁ ।
- ୨ ଫୁଟ ଲମ୍ବ ୨୫ ଫୁଟ ଲମ୍ବ ଏକ ବାଉଁଶ କିମ୍ବା କାଠଭାଡ଼ି ତିଆରି କରନ୍ତୁ । ଭାଡ଼ିଟି ଭୂମି ପତନରୁ ୬ ରୁ ୧୨ ଇଞ୍ଚ ଉପରରେ ରହିବା ଆବଶ୍ୟକ ।
- ଭାଡ଼ି ଉପରେ ପୂର୍ବ ପଶ୍ଚିମଭାବେ ୨ ବିଡ଼ା, ତା ଉପରେ ଉତ୍ତର ଦକ୍ଷିଣ ଭାବେ ୨ ବିଡ଼ା ସମୁଦାୟ ୪ ବିଡ଼ାକୁ ଦିଅନ୍ତୁ । ଯେପରି ନଡ଼ାର ଅଗ୍ରଭାଗ ଭିତରକୁ ମୂଳଭାଗ ବାହାରକୁ ରହିବ ।
- ବୋତଲର ମଞ୍ଜିକୁ ୪ ଭାଗ କରନ୍ତୁ ଏବଂ ଏକ ଭାଗ ମଞ୍ଜି ଆଣି ପଟାଳିରେ ଧାରରୁ ୩ରୁ ୪ ଇଞ୍ଚ ଭିତରକୁ, ଚାରି ପାଖରେ ୩ ରୁ ୪ ଫୁଟ ବ୍ୟବଧାନରେ ରଖନ୍ତୁ । ଏହା ଉପରେ ଡ଼ାଲି ଗୁଣ୍ଡ ଓ ଚୋକଡ଼ ବିଞ୍ଚି ଦିଅନ୍ତୁ ଏହିପରି ଦୁଇଟି ସ୍ତର କରନ୍ତୁ ।
- ତୃତୀୟ ସ୍ତର ପୁଣି ବିପରୀତ ପାର୍ଶ୍ୱରୁ ବିଛାନ୍ତୁ ଓ ଏହି ସ୍ତର ଉପରେ ୨ ଭାଗ ମଞ୍ଜି ଓ ବେସନ ବୁଣନ୍ତୁ ।
- ଶେଷ ତଥା ଚତୁର୍ଥ ସ୍ତରରେ ଜଣକୁ ୨/୩ ଇଞ୍ଚ ବହଳରେ ତୃତୀୟ ସ୍ତର ଭଳି ବିପରୀତ ଦିଗରୁ ପକାନ୍ତୁ ଯେପରି ଘୋଡ଼ଣୀ ସଦୃଶ କାମ କରିବ ।
- ବେଡ଼ ପଡ଼ି ସାରିବାପରେ ଧଳା ରଙ୍ଗର ଜରି ଚଦର ଦ୍ୱାରା ଘୋଡ଼ାଇ ଦିଅନ୍ତୁ । ଆବଶ୍ୟକ ସ୍ଥଳେ ପାଣି ସିଞ୍ଚନ କରନ୍ତୁ । ବେଡ଼ର ଆଦ୍ରତା ବଜାୟ ରଖାଯିବା ଉଚିତ୍ ।

**(୪) ଧିଙ୍ଗିରି ଛତୁ:** ମୁଖ୍ୟତଃ ଏହା ଶୀତ ଦିନରେ ଚାଷ କରାଯାଇଥାଏ । ସେପ୍ଟେମ୍ବର ମାସ ରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ କରାଯାଇଥାଏ । ପ୍ରାୟ ୧୦ ପ୍ରକାର ଧିଙ୍ଗିରି ଛତୁ ଚାଷ କରାଯାଏ । ମାତ୍ର ଆମ ରାଜ୍ୟରେ ଚାହିଦା ଦୃଷ୍ଟିରୁ ୩ ପ୍ରକାରର ଧିଙ୍ଗିରି ଛତୁ ଚାଷ ଯଥା:- ପ୍ଲିଉରୋଟସ୍ ସୋଜର କାଜୁ, ପ୍ଲିଉରୋଟସ ଫ୍ଲୋରିଡ଼ା, ପ୍ଲିଉରୋଟସ ଇଓସ୍ ଇତ୍ୟାଦି ଚାଷ କରାଯାଇଥାଏ । ଏହା ଦେଖିବାକୁ ସାଧାରଣତଃ ପାଉଁଶିଆ / ଧଳା / ଗୋଲାପୀ / ରଙ୍ଗର ଅଟେ ।

**(୫) ବ୍ୟାଗ ପ୍ରସ୍ତୁତି ପ୍ରଣାଳୀ:** ସଫା କାଠ ସାହାଯ୍ୟରେ ବୋତଲରୁ ବାହାର କରି ୬ ଭାଗ କରନ୍ତୁ ।

- ପଲିଥିନ ମୁଣିର ତଳ ଅଂଶକୁ ବାନ୍ଧି ଦିଅନ୍ତୁ । ୬ ଇଞ୍ଚ ବହଳରେ ନଡ଼ା ପକାଇ ଦବାଇ ଦିଅନ୍ତୁ ।
- ପ୍ରଥମ ସ୍ତର ଉପରେ କଡ଼ରୁ ୧ ଇଞ୍ଚ ଛାଡ଼ି ଗୋଟିଏ ଭାଗ ଛତୁ ମଞ୍ଜି ପକାନ୍ତୁ ଏବଂ ଗୋଟିଏ ଭାଗ ସିଝା ଗହମ ପକାନ୍ତୁ ।
- ଦୁଇ ସ୍ତରରେ ପୁଣି ୬ ଇଞ୍ଚ ବହଳର ନଡ଼ା ପକାଇ ଚାପି ଦିଅନ୍ତୁ । ପୂର୍ବପରି ମଞ୍ଜି ପକାନ୍ତୁ ।
- ତୃତୀୟ ସ୍ତରରେ ନଡ଼ା ୬ ଇଞ୍ଚ ଦେଇସାରିବା ପରେ ମଞ୍ଜିକୁ ବେଡ଼ ଉପରେ ଖେଳାଇ ପକାନ୍ତୁ । ପୂର୍ବପରି ସିଝା ଗହମ ବା ଅଟା ପକାନ୍ତୁ । ତା ଉପରେ ଦୁଇ ଇଞ୍ଚ ବହଳର ନଡ଼ା ପକାଇ, ଶେଷରେ ପଲିଥିନ୍ ମୁଣିର ଅଗ୍ରଭାଗକୁ ବାନ୍ଧି ଦିଅନ୍ତୁ ।
- ବାୟୁ ଚଳାଚଳ ପାଇଁ ପଲିଥିନ ମୁଣିରେ ୧୦ ରୁ ୧୨ଟି କଣା କରନ୍ତୁ ।
- ବେଡ଼ ପ୍ରସ୍ତୁତି ହେଲା ପରେ ଅନ୍ଧାରୁଆ ଘରେ ଥାକ ମାରି ରଖନ୍ତୁ ।

**(୬) ଛତୁର ଉପକାରିତା:** (୧) ବିଭିନ୍ନ ଭିଟାମିନ ଛତୁରେ ସି.ବି.ଡ଼ି. ପ୍ରଭୃତି ମିଳିଥାଏ । (୨) ଛତୁରୁ ମିଳୁଥିବା ଭିଟାମିନ୍ $B_{12}$ ଗର୍ଭବତୀ ମା' ମାନଙ୍କ ପାଇଁ ବିଶେଷ ଉପକାରୀ । (୩) ଛତୁରେ ଅଧିକ ପରିମାଣର ଲୌହ, ପଟାସ, ତଥା, ଧାତବଲବଣ ମିଳିଥାଏ । ଯାହାକି ଫଳ ଓ ପନିପରିବା ଠାରୁ ଅଧିକ । (୪) ହୃଦରୋଗୀ, ରକ୍ତଚାପ, କୋଷ୍ଠକାଠିନ୍ୟ ରୋଗୀ ପାଇଁ ବରଦାନ ସଦୃଶ ଅଟେ । ଏଥିରେ କେଲେଷ୍ଟରନ୍ ନଥାଏ । (୫) ଛତୁରେ ଟ୍ରିପ୍‌ସିନ୍ ନାମକ ଏକ ଏନଜାଇମ୍ ଥିବାରୁ ସହଜରେ ଜୀର୍ଣ୍ଣ ହୋଇପାରେ ।

**(୭) ଛତୁରେ ଥିବା ଖାଦ୍ୟ ଉପାଦାନ:**

| ଉପାଦାନ ଶତକଡ଼ା | ପାଳ ଛତୁ | ଧିଙ୍ଗିରି ଛତୁ |
|---|---|---|
| ଜଳୀୟ ଅଂଶ | ୯୧.୦୮ | ୮୯.୭୫ |
| ପୃଷ୍ଟିସାର | ୩.୦୩ | ୪.୫୯ |
| ସ୍ନେହସାର | ୦.୪୧ | ୦.୯୨ |
| ଜୀବସାର (ଗ) | ୧୨.୨୫ | ୨୭.୫୦ |
| ତନ୍ତୁ ଜାତୀୟ | ୦.୫୯ | ୦.୬୯ |
| ଧାତୁ ସାର | ୦.୯୦ | ୦.୯୩ |
| ଶ୍ୱେତସାର | ୦.୧୨ | ୦.୫୧ |

**ଛତୁ ଚାଷ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଆମେ ପ୍ରଚାର ପତ୍ରଟି ପ୍ରକାଶ କରିଛୁ । ଲାଭଜନକ ତଥା ବ୍ୟବସାୟିକ ଦୃଷ୍ଟିରୁ, ଏହି ପ୍ରଚାର ପତ୍ରଟି ଚାଷୀ ଭାଇମାନଙ୍କ ଭିତରେ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହିତ କୃଷିର ବିକାଶ କ୍ଷେତ୍ରରେ ଉନ୍ନତି ହେଲେ ଆମର ଶ୍ରମ ସାର୍ଥକ ହେବ ।**

**ଛତୁ ଚାଷ ବିଷୟରେ ଅଧିକ ଜାଣିବା ପାଇଁ ଆଜି ହିଁ ଯୋଗଯୋଗ କରନ୍ତୁ**

**ସୋସିଆଲ୍ ଡ଼େଭ୍‌ଲପ୍‌ମେଣ୍ଟ ଫାଉଣ୍ଡେସନ୍,**
ବହ୍ମର ଛକ, ତାଳଚେର, ଅନୁଗୁଳ, ଓଡ଼ିଶା-୭୫୯୧୦୪
ଦୂରଭାଷ: ୯୪୩୭୯୦୪୧୦୮, ୮୯୦୮୪୬୬୦୪୯